## ସଂକ୍ଷେପରେ

### ବଜ୍ରକାପ୍ତା ଉଦ୍ଧାର



**ବ୍ରହ୍ମପୁର ଅଫିସ/ଗୋପାଳପୁର, ୧।୮:** ବ୍ରହ୍ମପୁର ବନାଞ୍ଚଳ ଅଧିନସ୍ଥ ହଳଦିଆପଦର ରାଳବ ଗ୍ରାମ ରାସ୍ତା ପାର୍ଶ୍ୱରେ ଏକ ଜୀବନ୍ତ ବଜ୍ରକାପ୍ତାକୁ ସୋମବାର ବନ କର୍ମଚାରୀମାନେ ଉଦ୍ଧାର କରିଛନ୍ତି। ହଳଦିଆପଦର ଗ୍ରାମର ଅଜିତ ଡାକୁଆଙ୍କ ଘର ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ବଜ୍ରକାପ୍ତା ବୁଲୁଥିବାର ସ୍ଥାନୀୟ ବାସିନ୍ଦା ଦେଖିଥିଲେ। ଏ ନେଇ ଅଜିତ ଓ ତାଙ୍କ ସାଥୀ ବଜ୍ରକାପ୍ତାକୁ ଉଦ୍ଧାର କରିଥିଲେ। ଏହାପରେ ସରପଞ୍ଚ ଦଣ୍ଡପାଣି ବେହେରା ଓ ସମିତି ସଭ୍ୟ କେ. ପ୍ରବୀଣ ଦୋରା ବଜ୍ରକାପ୍ତାକୁ ସୁରକ୍ଷିତ ସ୍ଥାନରେ ରଖିଥିଲେ। ସ୍ଥାନୀୟ ଲୋକଙ୍କ ପକ୍ଷରୁ ବନ ଅଧିକାରୀଙ୍କୁ ଖବର ଦିଆଯାଇଥିଲା। ବନପାଳ ବାବୁ ସେଠୀ ଓ ତାଙ୍କ ଟିମ୍ ପହଞ୍ଚି ବଜ୍ରକାପ୍ତାକୁ ଉଦ୍ଧାର କରିଥିଲେ। ତାର ଲମ୍ବ ୨ ଫୁଟ ୬ଇଞ୍ଚ ଥିବା ବେଳେ ଓଜନ ପ୍ରାୟ ୫ କି.ଗ୍ରା.ରହିଥିବା ବନାଞ୍ଚଳ ଅଧିକାରୀ କହିଛନ୍ତି।

### ବ୍ୟବସାୟୀଙ୍କୁ ଦାଦାବଟି ମାଗି ହତ୍ୟା ଉଦ୍ୟମ, ଯୁବକ ଗିରଫ



**ବ୍ରହ୍ମପୁର ଅଫିସ,୧।୮:** ଜଣେ ବ୍ୟବସାୟୀଙ୍କୁ ଦାଦାବଟି ମାଗି ରାସ୍ତାରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ବ୍ରହ୍ମପୁର ବଡ଼ବଜାର ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ପଞ୍ଚୁଦେଉଳ ସାହିର ମୁନା ବେହେରା ଓରଫ ବାଙ୍ଗରା ମୁନା (୪୭)। ମାମଲା ନଂ. ୧୯୦/୨୨ରେ ପୋଲିସ ମୁନାଙ୍କୁ କୋର୍ଟଚାଲାଣ କରିଛି। ପୋଲିସ ଅଭିଯୁକ୍ତଙ୍କଠାରୁ ଘଟଣାରେ ବ୍ୟବହୃତ ହୋଇଥିବା ଏକ ଲୁହାଛଡ଼ ଜବତ କରିଥିବା କହିଛି। ପ୍ରକାଶ ଯେ, ଏସ୍. ସନ୍ତୋଷ କୁମାର ନାମକ ଜଣେ ବ୍ୟବସାୟୀ ଗତ ୩୦ ତାରିଖରେ ଘରକୁ ଫେରୁଥିଲେ। ଉତ୍କଳ ସିନେମା ହଲ୍ ନିକଟ ପାତାଳେଶ୍ୱର ମନ୍ଦିର ସମ୍ମୁଖରେ ମୁନା ସନ୍ତୋଷଙ୍କୁ ଅଟକାଇ ଦାଦାବଟି ମାଗିଥିଲେ। ବ୍ୟବସାୟୀ ଜଣକ ଦାଦାବଟି ଦେବାକୁ ମନା କରିବାରୁ ମୁନା ତାଙ୍କୁ ଲୁହାଛଡ଼ରେ ମରଣାନ୍ତକ ଆକ୍ରମଣ କରିବା ସହ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ ବୋଲି ବ୍ୟବସାୟୀ ଥାନାରେ ଅଭିଯୋଗ କରିଥିଲେ।

## ସ୍ମାର୍ଟଫୋନ ବ୍ୟାନ ପ୍ରସଙ୍ଗ
# ଫାଟକରେ ତାଲା ପକାଇଲେ ଛାତ୍ରୀ

**ବ୍ରହ୍ମପୁର ଅଫିସ,୧।୮**



ମହାମାୟୀ କଲେଜ ସମ୍ମୁଖରେ ଛାତ୍ରୀଙ୍କ ଧାରଣା।

**ମହାମାୟୀ ମହିଳା ମହାବିଦ୍ୟାଳୟ**

■ଛାତ୍ରୀଙ୍କ ହିତ ଦୃଷ୍ଟିରୁ ହୋଇଛି ନିୟମ:ଅଧକ୍ଷ

ବ୍ରହ୍ମପୁର ମହାମାୟୀ ମହିଳା ମହାବିଦ୍ୟାଳୟରେ ଜୁନ୍ ୨୯ ତାରିଖରେ ଛାତ୍ରୀମାନେ କଲେଜରେ ମୋବାଇଲ ଫୋନ ବ୍ୟବହାର କରି ପାରିବେ ନାହିଁ ବୋଲି ନିୟମ କରାଯାଇଥିଲା। ଏହାର ପ୍ରତିବାଦ କରି ସୋମବାର ଛାତ୍ରୀଙ୍କ ମଧ୍ୟରେ ଉତ୍ତେଜନା ଦେଖିବାକୁ ମିଳିଥିଲା। କ୍ୟାମ୍ପସକୁ ସ୍ମାର୍ଟଫୋନ ବାରଣ ନିଷ୍ପତ୍ତିରେ ଉତ୍ତେଜିତ ଛାତ୍ରୀମାନେ ମହାବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ କିଛି ସମୟ ଧାରଣା ଦେଇଥିଲେ। ସ୍ମାର୍ଟଫୋନ ବ୍ୟବହାର ନିୟମ ଉପରେ ରୋକ ଲଗାଇବା ନିମନ୍ତେ ଛାତ୍ରୀମାନେ ମିଳିତ ଭାବେ ଅଧକ୍ଷ ପ୍ରଫେସର ଡ଼.ସତ୍ୟନାରାୟଣ ରାଓଙ୍କୁ ଲିଖିତ ଅଭିଯୋଗ ମଧ୍ୟ ଜଣାଇଥିଲେ। କିନ୍ତୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ କିଛି ନିଷ୍ପତ୍ତି ନେବା ପୂର୍ବରୁ ଛାତ୍ରୀମାନେ ମିଳିତ ଭାବେ ଧାରଣାକୁ ଓହ୍ଲାଇଥିଲେ। ଟାଉନଥାନା ପୋଲିସ ହସ୍ତକ୍ଷେପ ପରେ ପରିସ୍ଥିତି ସୁଧୁରିଥିଲା। ଛାତ୍ରୀ ଓ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏଥିରେ ଅଧକ୍ଷ କହିଛନ୍ତି, ନିଷ୍ପତ୍ତି ସମ୍ପୂର୍ଣ୍ଣଭାବେ ଛାତ୍ରୀଙ୍କ ଭବିଷ୍ୟତ ଓ ପଢ଼ାକୁ ଦୃଷ୍ଟିରେ ରଖି ନିଆଯାଇଛି। ସ୍ମାର୍ଟ ଫୋନ କାରଣରୁ ବହୁ ଅସୁବିଧା ଓ ବିଶୃଙ୍ଖଳା ସୃଷ୍ଟି ହେଉଛି। ଏହି ନିଷ୍ପତ୍ତି କଲେଜ କର୍ତ୍ତୃପକ୍ଷ ଓ ଅଭିଭିବାକ ମହଲରୁ ଭଲ ପ୍ରତିକ୍ରିୟା ମିଳୁଥିବା ବେଳେ ଶ୍ରେଣୀରେ ପିଲାଙ୍କ ଉପସ୍ଥାନ ବୃଦ୍ଧି ପାଇଛି। ଏଣୁ ନିୟମ କଡ଼ାକଡ଼ି ଭାବେ ପାଳନ କରାଯିବ। ଅନ୍ୟପକ୍ଷରେ ଯେଉଁ ଛାତ୍ରୀମାନେ ଧାରଣା ଦେଇଛନ୍ତି, ସେମାନେ ନିଜ ଅଭିଭାବକଙ୍କଠାରୁ ଲିଖିତ ଭାବେ ସ୍ମାର୍ଟ ଫୋନ ବ୍ୟବହାର ନିମନ୍ତେ ଅନୁମତି ଆଣନ୍ତୁ ବୋଲି କହିଥିଲେ।

ସୂଚନାଯୋଗ୍ୟ, ବ୍ରହ୍ମପୁର ମହାମାୟୀ ମହିଳା ମହାବିଦ୍ୟାଳୟରେ ଜୁନ ୨୯ରୁ ଛାତ୍ରୀଙ୍କୁ କ୍ୟାମ୍ପସକୁ ସ୍ମାର୍ଟ ଫୋନ ବାରଣ କରାଯାଇଥିଲା। ୩୦ ତାରିଖରେ ମୋବାଇଲ ଚେକିଂ କରାଯିବା ସହ କଡ଼ାକଡ଼ି ଭାବେ କ୍ୟାମ୍ପସ ପରିସରକୁ ସ୍ମାର୍ଟ ଫୋନ ବାରଣ କରାଯାଇଥିଲା। ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏହି ନିଷ୍ପତ୍ତିରେ ଶନିବାର କିଛି ଛାତ୍ରୀ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ସୋମବାର ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ହୋଇଥିଲା। ଧାରଣାରତ ଛାତ୍ରୀ କହିଛନ୍ତି, ଗୋଟିଏ ପଟେ ସରକାର ଶିକ୍ଷାର ମାନବୃଦ୍ଧି ନିମନ୍ତେ ଗୁରୁତ୍ୱ ଦେଉଛନ୍ତି, ସ୍ମାର୍ଟ ସ୍କୁଲ କରାଯାଉଥିବା ବେଳେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀଙ୍କ ନିଜସ୍ୱ ଅଧିକାର ଉପରେ ରୋକ୍ ଲାଗାଇବା ଠିକ୍ ନୁହଁ। ଏହା ସହ ସୋମବାର ଯେଉଁ କିଛି ଛାତ୍ରୀ ସ୍ମାର୍ଟଫୋନ ନେଇ କ୍ୟାମ୍ପସ ଆସିଥିଲେ ସେମାନଙ୍କୁ ଘରକୁ ଫେରାଇ ଦିଆଯାଇଥିବା ବେଳେ ଜଣେ ଛାତ୍ରୀଙ୍କ ଫୋନ ବ୍ୟାନ କରିଥିଲେ। ଏହି ଘଟଣାରୁ ଛାତ୍ରୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା।

## ଦିନକରେ ଜିଆର୍‌ପି ଥାନାରେ ୩ ଅପମୃତ୍ୟୁ ମାମଲା

**ବ୍ରହ୍ମପୁର ଅଫିସ,୧।୮**

ସରକାରୀ ରେଳବାଇ ପୋଲିସ (ଜିଆର୍‌ପି) ପୃଥକ୍ ଭାବେ ୩ଟି ମୃତଦେହ ଜବତ କରିବା ସହ ସୋମବାର ୩ଟି ଅପମୃତ୍ୟ ମାମଲା ରୁଜୁ କରିଛି। ଏ ନେଇ ନଂ. ୫୧/୨୨, ୫୨/୨୨ ଓ ୫୩/୨୨ ରେ ତିନି ମାମଲା ରୁଜୁ କରିଛି। ଜଣଙ୍କର ପରିଚୟ ମିଳିଥିବା ବେଳେ ଅନ୍ୟ ଦୁଇ ଜଣଙ୍କର ପରିଚୟ ମିଳିପାରି ନ ଥିବା ପୋଲିସ କହିଛି। ପରିଚୟ ମିଳି ନ ଥିବା ଦୁଇ ମୃତଦେହ ବ୍ୟବଚ୍ଛେଦ ପରେ ସଂରକ୍ଷଣ କକ୍ଷରେ ସଂରକ୍ଷିତ ରଖାଯାଇଛି। ଟ୍ରେନ୍‌ରୁ ଖସି ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ପ୍ଲାଟ୍‌ଫର୍ମରେ ଛିଡା ହୋଇଥିବା ବେଳେ ହଠାତ୍ ଅସୁସ୍ଥ ହୋଇ ମୃତ୍ୟୁ ଘଟିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ସନ୍ଦେହ କରୁଛି।

ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟାରେ ଗୋଳନ୍ଥରା ଥାନା ଅନ୍ତର୍ଗତ ପଞ୍ଚମା ରେଳଧାରଣାରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ପୋଲିସ ଖବର ପାଇଥିଲା। ସେଠାରେ ପହଞ୍ଚି ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୨୫ ବର୍ଷ ହେବ ବୋଲି ପୋଲିସ କହିଛି। ସେହିପରି ବିହାରରେ ଅନୁଷ୍ଠିତ ହେଉଥିବା ଏକ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଟ୍ରେନରେ ଯିବା ପୂର୍ବରୁ ଜଣେ ଯାତ୍ରୀ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ପୋଲିସ ଉଦ୍ଧାରକରି ଏମ୍‌କେସିଜିରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଗଞ୍ଜାମ ଜିଲା ବଡଗଡ ଥାନା ଅନ୍ତର୍ଗତ ଓଳମ୍ବ ଗ୍ରାମର ଅନ୍ତର୍ଯ୍ୟାମୀ ସାବତ(୫୬)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେହିପରି ସୋମବାର ଭୋର ହୀରାଖଣ୍ଡ ଟ୍ରେନ୍‌ରେ ଚଢୁଥିବା ଜଣେ ଯୁବକ ରେଳଧାରଣାରେ ଖସି ପଡ଼ିଯାଇଥିଲେ। ପରେ ଟ୍ରେନ ତାଙ୍କ ଉପରେ ଚଢ଼ିଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୩୨ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଛି।

# ୧୬୨ କେଜି ଗଞ୍ଜେଇ ଜବତ

**ବ୍ରହ୍ମପୁର ଅଫିସି,୧।୮**



ଗଞ୍ଜେଇ ସହ ଦୁଇଟି ମାମଲାରେ ଗିରଫ ୪ ଅଭିଯୁକ୍ତ।

**୨ମାମଲାରେ ୪ ଗିରଫ**

ଗଞ୍ଜାମ ଜିଲା ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ୨ଟି ଟିମ୍ ପୃଥକ୍ ଭାବେ ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ୍ ଓ ଖଲ୍ଲିକୋଟ ଗୁରାପଲି ଛକରୁ ୪ ଜଣ ଗଞ୍ଜେଇ ଚାଲାଣକାରୀଙ୍କୁ ସୋମବାର କାବୁ କରିଛି। ସେମାନଙ୍କ ମଧ୍ୟରେ ଦୁଇଜଣ ପଶ୍ଚିମବଙ୍ଗର ହୋଇଥିବା ବେଳେ ଅନ୍ୟ ଦୁଇଜଣ ଗଜପତି ଜିଲାର ବୋଲି ଜଣାପଡ଼ିଛି। ସେମାନଙ୍କ ନିକଟରୁ ମୋଟ ୧୬୨ କେଜି ଗଞ୍ଜେଇ ସହ ଏକ ବୋଲେରୋ ପିକ୍‌ଅପ୍ ଭ୍ୟାନ୍ ଜବତ କରାଯାଇଛି। ଜବତ ଗଞ୍ଜେଇ ଓ ଗାଡ଼ିର ମୂଲ୍ୟ ପ୍ରାୟ ୨୧ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ବ୍ରହ୍ମପୁର ଦେଇ ଗଞ୍ଜେଇ ଚାଲାଣ ହେଉଥିବା ଖବର ମିଳିବା ପରେ ଅବକାରୀ ପୋଲିସର ଦୁଇଟି ଟିମ୍ ଗଠନ ହୋଇଥିଲା। ଗୋଟିଏ ଟିମ୍ ଫାଷ୍ଟଗେଟ୍ ଛକରେ ଚଢ଼ାଉକରି ବୋଲେରୋ ପିକ୍ ଅପ୍(ଓଡି ୦୭ଏ ଏଚ୍- ୮୨୦୨)କୁ ଅଟକାଇ ଯାଞ୍ଚ କରିଥିଲା। ସେଥିରେ ବେଆଇନ ଭାବେ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଉକ୍ତ ଗାଡ଼ିରୁ ପୋଲିସ ୧୪୦ କେଜି ଗଞ୍ଜେଇ ଜବତ କରିଥିଲା। ସେଠାରୁ ଗଜପତି ଜିଲା ଆର୍. ଉଦୟଗିରି ଥାନା ଅନ୍ତର୍ଗତ ଛେଲାଗଡ଼ର ବାବୁଲା ମାଝି(୨୪) ଓ ଆର୍. ଉଦୟଗିରିର ମୋହିତ ବୀରା (୨୨)ଙ୍କୁ ଗିରଫ କରିଥିଲା। ସେମାନେ ଉକ୍ତ ଗଞ୍ଜେଇ ଖୋର୍ଦ୍ଧା ଚାଲାଣ କରୁଥିଲେ ବୋଲି ଜେରା ବେଳେ କହିଛନ୍ତି। ମାମଲା ନମ୍ବର ୪୬୮/୨୨ ରେ ସେକ ସୋମବାର କୋର୍ଟ ଚାଲାଣ କରାଯାଇଛି।

ସେହିପରି ଅନ୍ୟ ଏକ ଟିମ୍ ଖଲ୍ଲିକୋଟ ଗୁରାପଲି ଛକରେ ସନ୍ଦେହଜନକ ଅବସ୍ଥାରେ ଠିଆ ହୋଇଥିବା ଦୁଇଜଣ ଯୁବକଙ୍କ ବ୍ୟାଗ୍ ଯାଞ୍ଚ କରିଥିଲା। ସେମାନେ ଧରିଥିବା ବ୍ୟାଗ୍‌ରୁ ୨୨ କେଜି ଗଞ୍ଜେଇ ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ହାଓଡାର ପ୍ରେମାଜିତ ଦାସ(୨୬) ଓ ପଓନ କୁମାର ସାହା(୨୮)। ଉକ୍ତ ଗଞ୍ଜେଇ ବ୍ରହ୍ମପୁରରୁ ଆଣି ଖଲ୍ଲିକୋଟ ଆସିଥିଲେ। ପରେ ସେମାନେ ଗୁରାପଲି ଛକରୁ ବସ୍ ଯୋଗେ କଲିକତା ଚାଲାଣ କରିଥାନ୍ତେ ବୋଲି ଜେରା ବେଳେ ଅବକାରୀ ପୋଲିସ ଜାଣିବାକୁ ପାଇଛି। ଉଭୟ ଅଭିଯୁକ୍ତଙ୍କୁ ମଧ୍ୟ ସୋମବାର ମାମଲା ନମ୍ବର ୪୬୭/୨୨–୨୩ରେ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଗୋଇନ୍ଦା ଉପ ଅଧୀକ୍ଷକ କୁବେର ସେଠୀଙ୍କ ନେତୃତ୍ୱରେ ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ ଓ ଗୀତାଞ୍ଜଳି ସାହୁ ପ୍ରମୁଖ ସାମିଲ ଥିଲେ।

## ମାସେ ପରେ ଫେରାର ଡ୍ରାଇଭର ଗିରଫ

**ବ୍ରହ୍ମପୁର ଅଫିସ,୧।୮**

ବ୍ରହ୍ମପୁର ଟ୍ରାଫିକ ଥାନା ପୋଲିସ ସୋମବାର ଜଣେ ଟ୍ରଲି ଅଟୋ ଚାଳକଙ୍କୁ ଘଟଣାର ମାସକ ପରେ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଭୁବନେଶ୍ୱର ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆସାହି ହାତୀଆଶୁଣୀ ନଗରର ଘନ ଗୌଡ଼(୩୩)। ମାମଲା ନମ୍ବର ୨୬/୨୨ରେ ପୋଲିସ ସୋମବାର ଅଭିଯୁକ୍ତ ଡ୍ରାଇଭରଙ୍କୁ କୋର୍ଟ ଚାଲାଣ କରିଛି। ସେହିପରି ଦୁର୍ଘଟଣା ଘଟାଇଥିବା ଟ୍ରଲି ଅଟୋ (ଓଡି ୦୭ ଏକ୍ସ–୪୫୫୩) କୁ ପୋଲିସ ଜବତ କରିଛି। ଜୁନ୍ ୩୦ ରେ ସଦର ଥାନା ଅନ୍ତର୍ଗତ ସୁକୁଣ୍ଡା ଗ୍ରାମର ଟୁନା ରାଉଳ କୌଣସି କାମ ପାଇଁ ବ୍ରହ୍ମପୁର ଆସିଥିଲେ। ସନ୍ଧ୍ୟାରେ ସେ କାମସାରି ଘରକୁ ଫେରୁଥିଲେ। ହରିଡ଼ାଖଣ୍ଡି ପୋଖରୀ ନିକଟ ରାସ୍ତା ଦେଇ ସେ ଯାଉଥିବା ବେଳେ ତାଙ୍କୁ ଏକ ଟ୍ରଲି ଅଟୋ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ନୀଳ ନିମନ୍ତ୍ରଣ ଲୋକାର୍ପିତ




ଅତିଥିଙ୍କ ଦ୍ୱାରା ପୁସ୍ତକ ଲୋକାର୍ପିତ।

**ବ୍ରହ୍ମପୁର ଅଫିସ,୧।୮**

ଗାଳ୍ପିକା ଭାଗ୍ୟଲକ୍ଷ୍ମୀ ମହାରଣାଙ୍କ କ୍ଷୁଦ୍ରଗଳ୍ପ ସଂକଳନ ନୀଳ ନିମନ୍ତ୍ରଣ କମାପଲୀସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ସୋମବାର ଲୋକାର୍ପିତ ହୋଇଯାଇଛି। ଏଥିରେ କବି ଓ ଆଲୋଚକ ଭାବେ ଡ.କୁଳମଣି ଓଝା ପୌରୋହିତ୍ୟ କରିଥିଲେ। ପ୍ରଫେସର ମେଜର ରମାରମଣ ପାଢ଼ୀ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ କବି ବିପିନ ନାୟକ ଓ ମୁଖ୍ୟ ବକ୍ତା କବି ଏବଂ ଆଲୋଚିକା ଅଞ୍ଜଳି ଦାଶ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କବି ମନୋରଞ୍ଜନ ପାଣିଗ୍ରାହୀ, ଶ୍ୟାମବାବୁ ଦୋରା, ସୁଶାନ୍ତ ଦାଶ ଓ ସାମାଜିକ କର୍ମୀ ଲେନା ଚାନ୍ଦ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଜୟଶ୍ରୀ ଦୋରା, ଜହ୍ନଚରଣ ସାହୁ, ନଳିନୀକାନ୍ତ ଗୌଡ଼, ଭଗବାନ ପଣ୍ଡା, ଦୀପ୍ତିମିତା ମହାପାତ୍ର, ପ୍ରଦୀପ କୁମାର କର ଓ ପବିତ୍ର କୁମାର ଚୌଧୁରୀ ଯୋଗଦେଇଥିଲେ। ଏହି ଅବସରରେ ପ୍ରବଚକ ଓ ଶିକ୍ଷକ ଶରତ ଚନ୍ଦ୍ର ପଣ୍ଡା ଏବଂ ବାଘନୃତ୍ୟ କଳାକାର ସି.ଏଚ୍.ମହେନ୍ଦ୍ର କୁମାର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପୂର୍ବଶତ୍ରୁତାରୁ ବୃଦ୍ଧଙ୍କୁ ହତ୍ୟା ଉଦ୍ୟମ

**ବ୍ରହ୍ମପୁର ଅଫିସ,୧।୮**

**ଅଭିଯୁକ୍ତ କୋର୍ଟ ଚାଲାଣ**

ପୂର୍ବଶତ୍ରୁତାରୁ ଜଣେ ବୃଦ୍ଧଙ୍କୁ ଗତ ୩୦ ତାରିଖରେ ହତ୍ୟା ଉଦ୍ୟମ କରାଯାଇଥିଲା। ଏହି ଅଭିଯୋଗରେ ସଦର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ପୁରୁଣା ଯୋଗୀଆପଲ୍ଲୀର ବି. ସନ୍ତୋଷ ପାତ୍ର (୨୮)। ମାମଲା ନମ୍ବର ୩୩୪/୨୨ ରେ ସନ୍ତୋଷଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଗତ ୩୦ ତାରିଖ ରାତି ପ୍ରାୟ ୮ ଟାରେ ସଦର ଥାନା ଅନ୍ତର୍ଗତ ପୁରୁଣା ଯୋଗୀଆପଲ୍ଲୀର ବି. ଏକା ପାତ୍ର(୬୨) ନିକଟସ୍ଥ ପୋଖରୀରେ ଗାଧୋଇ ସାରି ଘରକୁ ଫେରୁଥିଲେ। ଏହି ସମୟରେ ସେହି ଗ୍ରାମର ସନ୍ତୋଷ ତାଙ୍କୁ ଅଟକାଇ ଗାଳିଗୁଳଜ କରିଥିଲେ। ଏହାକୁ ବୃଦ୍ଧ ଜଣଙ୍କ ପ୍ରତିବାଦ କରିବାରୁ ଅଭିଯୁକ୍ତ ତାଙ୍କ ତଣ୍ଟିକୁ ଚିପି ହତ୍ୟା ଉଦ୍ୟମ କରିଥିଲେ। ପରେ ବୋମା ପକାଇ ଜୀବନରେ ମାରିଦେବାକୁ ସନ୍ତୋଷ ତାଙ୍କୁ ଧମକ ଦେଇଥିଲେ। ବୃଦ୍ଧଙ୍କ ଚିତ୍କାର ଶୁଣି ନିକଟରେ ଥିବା କିଛି ଲୋକ ତାଙ୍କୁ ଉଦ୍ଧାର କରିଥିଲେ। ପରେ ବୃଦ୍ଧ ଜଣଙ୍କ ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ।

# ୧୧୧୯ ହିତାଧିକାରୀଙ୍କୁ ଭତ୍ତା ବର୍ଣ୍ଟନ



ହିତାଧିକାରୀଙ୍କୁ ଭତ୍ତା ବର୍ଣ୍ଟନ କରାଯାଉଛି।

**ବ୍ରହ୍ମପୁର ଅଫିସ,୧।୮**

**ପ୍ରଥମ ଥର ପାଇଁ କିନ୍ନରଙ୍କୁ ଭତ୍ତା**

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ସୋମବାର ନୂତନ ସମ୍ମିଳନୀ କକ୍ଷ ପରିସରରେ ମଧୁବାବୁ ପେନ୍‌ସନ ଯୋଜନାରେ ହିତାଧିକାରୀଙ୍କୁ ଭତ୍ତା ବର୍ଣ୍ଟନ କରାଯାଇଛି। ଏଥିରେ ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ.ବିବେକ ରେଡ୍ଡୀ, ବିଏମ୍‌ସି କମିଶନର ଜେ.ସୋନାଲ ଓ ଅତିରିକ୍ତ କମିଶନର ନୀଳମାଧବ ଭୋଇ ଉପସ୍ଥିତ ରହି ଭତ୍ତା ବର୍ଣ୍ଟନ କରିଥିଲେ। ସୋମବାର ୨ଟି ପର୍ଯ୍ୟାୟରେ ୧୧୧୯ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଏଥିମଧ୍ୟରୁ ୫୧୮ ଜଣ ୬୦ ବର୍ଷରୁ ଊର୍ଦ୍ଧ୍ୱ, ୩୩୨ ବିଧବା, ୧୩୭ ଦିବ୍ୟାଙ୍ଗ, ଅବିବାହିତ ୩୭, ୮୩ ଜଣ ଛାଡ଼ପତ୍ର ହିତାଧିକାରୀ ଓ ୧୨ ଜଣ କିନ୍ନରଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ବିଏମ୍‌ସି ପକ୍ଷରୁ ପ୍ରଥମ ଥର ପାଇଁ କିନ୍ନରଙ୍କୁ ଭତ୍ତା ପ୍ରଦାନ କରାଯାଇଥିବା ସୂଚନା ମିଳିଛି। କାର୍ଯ୍ୟକ୍ରମରେ ବିଭିନ୍ନ ୱାର୍ଡର କର୍ପୋରେଟର ଉପସ୍ଥିତ ଥିଲେ।

# ଜ୍ୟୋତି ସୁବୁଦ୍ଧି ଅର୍ବାନ ବ୍ୟାଙ୍କ ଉପସଭାପତି

**ବ୍ରହ୍ମପୁର ଅଫିସ,୧।୮**



ଅର୍ବାନ ବ୍ୟାଙ୍କ ଉପସଭାପତି ଜ୍ୟୋତି ସୁବୁଦ୍ଧି।

**ଏକମାତ୍ର ପ୍ରାର୍ଥୀ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ**

ବ୍ରହ୍ମପୁର ସମବାୟ ଅର୍ବାନ(ସହରାଞ୍ଚଳ) ବ୍ୟାଙ୍କ ପରିଚାଳନା ବୋର୍ଡ ଉପସଭାପତି ହୋଇଛନ୍ତି ବିଜେଡି ନେତ୍ରୀ ଜ୍ୟୋତି ସୁବୁଦ୍ଧି। ସରକାରୀ ସମବାୟ ବିଭାଗର ଜୁଲାଇ ୧୫ ବିଜ୍ଞପ୍ତି ପ୍ରକାରେ ଅଗଷ୍ଟ ୨ରେ ନିର୍ବାଚନ ପୂର୍ବଦିନ ୧ ତାରିଖରେ ନାମାଙ୍କନ ଦାଖଲ ଏବଂ ସେହିଦିନ ହିଁ ପ୍ରାର୍ଥିପତ୍ର ଯାଞ୍ଚ ଓ ପ୍ରତ୍ୟାହାର ଶେଷ ନିମନ୍ତେ ଧାର୍ଯ୍ୟ ହୋଇଥିଲା। ତେବେ ଜ୍ୟୋତି ଏକମାତ୍ର ନାମାଙ୍କନ ଦାଖଲ କରିଥିବାରୁ ତାଙ୍କୁ ଅପ୍ରତିଦ୍ୱନ୍ଦ୍ୱୀ ଘୋଷଣା କରିଛନ୍ତି ରିଟର୍ନିଂ ଅଫିସର। ସୂଚନାଯୋଗ୍ୟ, ବ୍ୟାଙ୍କ ନିର୍ଦ୍ଦେଶକ ନିର୍ବଚାନ ଜୁନ୍ ୨୬ରେ ହୋଇଥିଲା। ୧୫ ଜୋନ୍ ମଧ୍ୟରୁ ୧୩ନଂ.ରେ ଦାଖଲ ହୋଇଥିବା ନାମାଙ୍କନ ଖାରଜ ହୋଇଥିବାରୁ ଅବଶିଷ୍ଟ ୧୪ ଜଣ ନିର୍ବାଚିତ ହୋଇଥିଲେ। ସେଥିରୁ ୬ ମହିଳା ଥିଲେ। ତନ୍ମଧ୍ୟରୁ ୪ ଅପ୍ରତିଦ୍ୱନ୍ଦ୍ୱୀ ହୋଇଥିଲେ। ଜୁଲାଇ ୧୪ରେ ସଭାପତି ପଦ ପାଇଁ ନିର୍ବାଚନ ହେବାର ଘୋଷଣା କରାଯାଇଥିଲା। ଦିନକ ପୂର୍ବରୁ ନାମାଙ୍କନ ଦାଖଲ ସମୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିନା ପ୍ରତିଦ୍ୱନ୍ଦ୍ୱିତାରେ ୮ନଂ. ଜୋନ୍‌ରୁ ଜିତିଥିବା ଯୁବ ବିଜେଡି ନେତା ଆର.ମୁରଲୀ ମୋହନ ଏକମାତ୍ର ପ୍ରାର୍ଥିପତ୍ର ଦାଖଲ କରିଥିବାରୁ ତାଙ୍କୁ ନିର୍ବାଚିତ ଘୋଷଣା କରାଯାଇଥିଲା। ସୋମବାର ଉପସଭାପତି ମଧ୍ୟ ନିର୍ଦ୍ୱନ୍ଦ୍ୱ ହୋଇଛନ୍ତି।

ମହିଳା ନିର୍ଦ୍ଦେଶିକା ଭାବେ ନିର୍ବାଚିତ ୬ ଜଣଙ୍କ ମଧ୍ୟରୁ ୩ ଜଣ ପ୍ରଥମ କରି ହୋଇଥିଲେ। ନୂଆ ମୁହଁ ନା ପୁରୁଣାଙ୍କୁ ଉପସଭାପତି କରାଯିବ ସେନେଇ ରାଜନୈତିକ ଚର୍ଚ୍ଚା ହୋଇଥିଲା। ଜୁଲାଇ ୩୧ରେ ବିଜେଡି ନେତାଙ୍କ ସ୍ୱତନ୍ତ୍ର ବୈଠକ କରାଯାଇ ହୋଇ ପ୍ରାର୍ଥୀ ଚୟନ ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ଥାନୀୟ ବିଧାୟକ ବିକ୍ରମ ପଣ୍ଡା, ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ ଓ ଅନ୍ୟମାନେ ଜ୍ୟୋତି ସୁବୁଦ୍ଧିଙ୍କୁ ମନୋନୀତ କରିଥିଲେ।

# ‘ଶିକ୍ଷାର ମାନବୃଦ୍ଧି ଶିକ୍ଷକଙ୍କ ଗୁରୁଦାୟିତ୍ୱ’

**ବ୍ରହ୍ମପୁର ଅଫିସ,୧।୮**




ପ୍ରତିଷ୍ଠା ଦିବସରେ ଅତିଥିଙ୍କ ଦ୍ୱାରା ‘ବ୍ରହ୍ମବାଣୀ’ ଉନ୍ମୋଚିତ।

**ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ**

■ପ୍ରଥମ ପ୍ରତିଷ୍ଠା ଦିବସ

ବ୍ରହ୍ମପୁର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଲେଖକ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ଶିକ୍ଷାନୁଷ୍ଠାନର ପୂର୍ବତନ ଛାତ୍ର ତଥା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅରୁଣ କୁମାର ସାବତ ସମ୍ମାନିତ ଅତିଥି ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଜି କାଉନସିଲ ଅଧକ୍ଷ ପ୍ରଫେସର ଇଲାରାଣୀ ପଟ୍ଟନାୟକ ଓ ରେଜିଷ୍ଟ୍ରାର ଆଶୁତୋଷ ସାମଲ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଦିବସ ଅବସରରେ କୁଳପତି ପ୍ରଫେସର ମହାନ୍ତି ଉଚ୍ଚ ଶିକ୍ଷାର ଆବଶ୍ୟକତା ଓ ଆଭିମୁଖ୍ୟ ଉପରେ ମତବ୍ୟକ୍ତ କରିଥିଲେ। ସେହିପରି ମୁଖ୍ୟ ଅତିଥି ପ୍ରଫେସର ଦାଶ ଯୁବପିଢ଼ିଙ୍କ ମନରେ ସାମାଜିକ ମୂଲ୍ୟବୋଧର ବୀଜ ବପନ ହେଉଛି ଉଚ୍ଚ ଶିକ୍ଷାନୀତିର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ଲେଖକ ପ୍ରଫେସର ମହାନ୍ତି ସଫଳ ଶିକ୍ଷା ମନୁଷ୍ୟ, ପ୍ରକୃତି ଓ ଭଗବାନଙ୍କୁ ସଂଯୋଗ କରେ। ଶିକ୍ଷାର ମାନବୃଦ୍ଧି ଶିକ୍ଷକଙ୍କ ଗୁରୁଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ସାବତ କହିଥିଲେ, ସମାଜସେବା ହେଉଛି ମାଧବ ସେବା। ଶିକ୍ଷକଙ୍କ ମଧ୍ୟରେ ଛାତ୍ରଙ୍କ ମନ ଓ ମସ୍ତିଷ୍କରେ ନୂତନ ସମ୍ଭାବନା ସୃଷ୍ଟି କରିବା ଶକ୍ତି ନିହିତ ଥାଏ। ଏଣୁ ଛାତ୍ରୀଛାତ୍ରଙ୍କ ମନରେ ସାମାଜିକ ମୂଲ୍ୟବୋଧ ସୃଷ୍ଟି କରିବା ଆବଶ୍ୟକ। ଏହି ଅବସରରେ ଗାୟକ ଯୋଗାନନ୍ଦ ସାହୁ, ନାଟ୍ୟକାର ମେଜର ରମାରମଣ ପାଢ଼ୀ, କଳାକାର ରାଜକିଶୋର ପାଢ଼ୀ, କ୍ରୀଡ଼ାବିତ କେ.ରବି କୁମାରଙ୍କୁ ବିଭିନ୍ନ କ୍ଷେତ୍ରରେ ନିଜର ଉଲ୍ଲେଖନୀୟ ଅବଦାନ ଲାଗି ସମ୍ମାନିତ କରାଯାଇଥିଲା। ସେହିପରି ବିଶ୍ୱବିଦ୍ୟାଳୟରେ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀଙ୍କ ମଧ୍ୟରେ ଭୂତତ୍ତ୍ୱ ବିଜ୍ଞାନ ବିଭାଗ ପ୍ରଫେସର ତଥା ପିଜି କାଉନସିଲ ଅଧକ୍ଷ ମନୋଜ କୁମାର ପଟ୍ଟନାୟକ, ବରିଷ୍ଠ ଅଧ୍ୟାପକ ଜ୍ଞାନରଞ୍ଜନ ପୂଜାରୀ, ରସାୟନ ବିଜ୍ଞାନ ବିଭାଗ ଷ୍ଟୋର କିପର ଶିଶିର କୁମାର ପ୍ରହରାଜ, ଲାବୋରେଟୋରି ଆଟେଣ୍ଡାଣ୍ଟ କୋରା କାର୍ଜୀ ଓ ପିଅନ ଏନ୍.ଚିରଞ୍ଜୀବୀ ରାଓଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଅତିଥିଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟର ମୁଖପତ୍ର ‘ବ୍ରହ୍ମବାଣୀ’ ଉନ୍ମୋଚିତ ହୋଇଥିଲା। ଇଂଲିଶ ବିଭାଗ ଅଧ୍ୟାପିକା ଚିନ୍ମୟୀ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ପିଜି କାଉନସିଲ ଅଧକ୍ଷ ପ୍ରଫେସର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

ଧରିତ୍ରୀ
DHARITRI
ବ୍ରହ୍ମପୁର, ମଙ୍ଗଳବାର, ୨ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ଯୁବକଙ୍କ ଉନ୍ମତ୍ତ କାଣ୍ଡ

ଆସିକା,୧।୮ (ଡି.ଏନ.ଏ.):ଆସିକା ଏନଏସିର ସୁନାମ୍ଧ ସାହି ବାଲାଜୀ ମନ୍ଦିର ନିକଟରେ ରବିବାର ଜଣେ ଯୁବକ ନିଜ ମା'କୁ ଘର ଭିତରେ ବନ୍ଦ କରି ଅଗ୍ନି ସଂଯୋଗ କରିଦେଇଥିଲେ। ବୃଦ୍ଧା ମା'ଙ୍କ ଚିତ୍କାର ଶୁଣି ପଡ଼ୋଶୀମାନେ କବାଟ ଖୋଲି ତାଙ୍କୁ ଉଦ୍ଧାର କରିଥିଲେ । ଏହି ଘଟଣାରେ ସୋମବାର ପୋଲିସ ଅଭିଯୁକ୍ତ ପୁଅ ବିକ୍ରମ ପାଢୀଙ୍କୁ କୋର୍ଟ ଚାଲାଣ କରିଛି। ବିକ୍ରମ ମା'କୁ ମଦ ପିଇବା ଓ ଜୁଆ ଖେଳିବା ଲାଗି ପଇସା ମାଗିଥିଲେ। ମା' ପଇସା ନଥିବା କହିବା ପରେ ସେ ଏଭଳି କାଣ୍ଡ ଭିଆଇଥିବା ଅଭିଯୋଗରେ ଦର୍ଶାଯାଇଛି । ଏ ନେଇ ଥାନାରେ ନଂ. ୪୪୭/୨୨ରେ ଏକ ମାମଲା ରୁଜୁ କରାଯାଇଛି ।

### ଆକ୍ରମଣ ମାମଲାରେ ଅଭିଯୁକ୍ତ ଗିରଫ

ଆସିକା,୧।୮ (ଡି.ଏନ.ଏ.):ଆସିକା ଥାନା ଅନ୍ତର୍ଗତ ବାବନପୁର ଗ୍ରାମରେ ଗତ ଗୁରୁବାର ରାତିରେ ସେହି ଗ୍ରାମର ସୀମାଞ୍ଚଳ ନାୟକଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ମାମଲାରେ ଅଭିଯୁକ୍ତ କାଳିଆ ଗୌଡ଼ଙ୍କୁ ସୋମବାର ପୋଲିସ କୋର୍ଟ ଚାଲାଣ କରିଛି। ଆକ୍ରମଣକାରୀଙ୍କ କାଠ ଫାଳିଆ ମାଡ଼ରେ ଗୁରୁତର ସୀମାଞ୍ଚଳଙ୍କୁ ପ୍ରଥମେ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ସେଠାରୁ ତାଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସମ୍ପର୍କରେ ତାଙ୍କ ବାପା ସୁରେଶ ଚନ୍ଦ୍ର ନାୟକ ରବିବାର ଆସିକା ଥାନାରେ ଅଭିଯୋଗ କରିଛନ୍ତି । ଏତଲାକୁ ଭିତ୍ତି କରି ପୋଲିସ ନଂ. ୪୪୬/୨୨ରେ ଏକ ମାମଲା ରୁଜୁ କରିଛି ।

### ବିଆର୍‌ସିସିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭଞ୍ଜନଗର,୧।୮ (ଡି.ଏନ୍.ଏ.): ଭଞ୍ଜନଗର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ରବିବାର ଏବିଇଓ ତଥା ବିଆର୍‌ସିସି ହୃଷିକେଶ ସ୍ୱାଇଁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିଲାଗି ଆୟୋଜିତ ସଭାରେ ବିଇଓ ଏସ୍. ଧନଞ୍ଜୟ,ଏବିଇଓ ସୂର୍ଯ୍ୟ ନାୟକ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ବିଆର୍‌ସିସି ସ୍ୱାଇଁଙ୍କ କର୍ମମୟ ଜୀବନ ସମ୍ପର୍କରେ କହିଥିଲେ।

### ଶ୍ରୀବିରୂପାକ୍ଷ ମନ୍ଦିରରେ ଭକ୍ତଙ୍କ ଭିଡ଼

ଚକାପାଦ,୧।୮ (ଡି.ଏନ୍.ଏ.)-କନ୍ଧମାଳ ଜିଲାର ଚକାପାଦଠାରେ ରାବଣ ପୂଜିତ ଦିଅଁ ଶ୍ରୀବିରୂପାକ୍ଷ ମହାଦେବଙ୍କ ମନ୍ଦିରରେ ସୋମବାର ଅସମ୍ଭବ ଭିଡ଼ ଦେଖିବାକୁ ମିଳୁଛି। ମନ୍ଦିର କମିଟିର ସଭାପତି ହରିଶ୍ଚନ୍ଦ୍ର କହଁରଙ୍କ ନେତୃତ୍ୱରେ ମନ୍ଦିର କମିଟିର ସଦସ୍ୟମାନେ ବୋଲବମ ଭକ୍ତମାନଙ୍କୁ ଶାନ୍ତିଶୃଙ୍ଖଳା ସହ ମନ୍ଦିର ଭିତରକୁ ଦର୍ଶନ କରିବା ପାଇଁ ଛାଡ଼ିଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ଶନିବାରରୁ ଚକାପାଦ ଥିବା ଶ୍ରୀବିରୂପାକ୍ଷ ମନ୍ଦିରକୁ ଭକ୍ତମାନେ ଲମ୍ବା ଧାଡ଼ିରେ ଆସୁଥିଲେ। ନିଜ ନିଜର ମାନସିକ ପୂର୍ଣ୍ଣ କରିବା ପାଇଁ ମନ୍ଦିର ପରିସର ରହି କିଏ ଶନିବାରରେ ଶନିଶ୍ଚର ମେଳା କରିଥିବା ବେଳେ ଅନ୍ୟ କେଉଁ ଭକ୍ତ ରବିବାର ଦିନ ତ୍ରିନାଥମେଳା କରି ନିଜ ନିଜର ମାନସିକ ପୂରଣ କରିଥିଲେ। ବୋଲବମ ଭକ୍ତଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅରୁଆ ଅନ୍ନ ଭୋଜନ ସହ ଚାହା ଜଳଖିଆ ଯୋଗାଇ ଦିଆଯାଇଥିଲା। ସୋମବାର ପ୍ରାତଃ ୪ଟାରେ ମନ୍ଦିର କାମଟିର ସମ୍ପାଦକ ଗୟାଧର କହଁର ଯୋଗଦେଇ ମନ୍ଦିର ଫାଟକରେ ଠିଆହୋଇ ଭକ୍ତମାନଙ୍କୁ ଦର୍ଶନ କରିବା ନିମନ୍ତେ ଛାଡ଼ିଥିଲେ।

### ବରିଷ୍ଠ ଖବରଦାତାଙ୍କ ବିୟୋଗ

ଛତ୍ରପୁର,୧।୮ (ଡି.ଏନ୍.ଏ.): ଛତ୍ରପୁରର ବରିଷ୍ଠ ଖବରଦାତା ତଥା ଛତ୍ରପୁର ପ୍ରେସ କ୍ଲବର ସଦସ୍ୟ କୃପାସିନ୍ଧୁ ପଣ୍ଡା(୭୨)ଙ୍କ ସୋମବାର ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ବିୟୋଗ ହୋଇଛି । ହୃତଘାତରେ ଅସୁସ୍ଥ ହୋଇଥିବାରୁ ସେ କିଛିଦିନ ହେଲା ଏମକେସିଜି ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ମୃତ୍ୟୁ ଘଟିଛି। କୃପାସିନ୍ଧୁ ଜଣେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ। ସେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ରୋଗୀ କଲ୍ୟାଣ ସମିତିର ସଦସ୍ୟ ମଧ ରହିଥିଲେ। ପରୋପକାରୀ, ଧର୍ମପରାୟଣ, ଶିକ୍ଷାବିତ ଏବଂ ସାମ୍ବାଦିକ ଭାବେ ଛତ୍ରପୁର ଓ ଆଖପାଖ ଅଞ୍ଚଳରେ ପରିଚିତ ଥିଲେ । ହାଇସ୍କୁଲ ରୋଡ଼ ସ୍ଥିତ ତାଙ୍କ ବାସଭବନରେ ଛତ୍ରପୁର ପ୍ରେସ କ୍ଲବର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ରହି ପଣ୍ଡାଙ୍କ ଶେଷ ଦର୍ଶନ କରିଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଛତ୍ରପୁର ପ୍ରେସ କ୍ଲବ ପକ୍ଷରୁ କୃପାସିନ୍ଧୁଙ୍କ ଅମର ଆତ୍ମା ସଦଗତି ନିମନ୍ତେ ଦୁଇ ମିନିଟ ପ୍ରାର୍ଥନା କରାଯାଇଥିଲା।

# ହାତୀମୁଣ୍ଡା ପଞ୍ଚାୟତ ସମସ୍ୟା ବୁଝିଲେ ଉପଜିଲାପାଳ, ବିଡିଓ

ଦାରିଙ୍ଗବାଡ଼ି,୧।୮ (ଡି.ଏନ୍.ଏ)

ପ୍ରାୟ ୧୦ କି.ମି. ପାହାଡ଼ ଚଢ଼ି ଦୁର୍ଗମ ଅଞ୍ଚଳରେ ପହଞ୍ଚିଛନ୍ତି ଉପଜିଲାପାଳ ଓ ବିଡିଓ। ଲୋକଙ୍କ ସମସ୍ୟା ବୁଝିଛନ୍ତି। ଉନ୍ନୟନମୂଳକ କାର୍ଯ୍ୟର ବି ସମୀକ୍ଷା କରିଛନ୍ତି। ସରକାରଙ୍କ ଯୋଜନା ଠିକ୍‌ଭାବେ ମିଳୁଛି କି ନାହିଁ ସେ ନେଇ ମଧ୍ୟ ଲୋକମାନଙ୍କୁ ପଚାରି ବୁଝିଛନ୍ତି। ଅଧିକାରୀଙ୍କୁ ନିକଟରେ ପାଇ ଲୋକେ ବି ବେଶ୍ ଖୁସି ହୋଇଛନ୍ତି। ଏମିତି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକର ଦୁର୍ଗମ ଅଞ୍ଚଳ ହାତୀମୁଣ୍ଡା ପଞ୍ଚାୟତରେ।

ଏହି ପଞ୍ଚାୟତର ରୁଷିମାଳ ସମେତ ବିଭିନ୍ନ ଅଞ୍ଚଳ ଗସ୍ତ କରିଛନ୍ତି ବାଲିଗୁଡ଼ା ଉପଜିଲାପାଳ ଦୁଃଖବନ୍ଧୁ ନାୟକ ଓ ଦାରିଙ୍ଗବାଡ଼ି ବିଡିଓ ଗଦାଧର ପାତ୍ର। ଉପଜିଲାପାଳ ନାୟକ ପ୍ରଥମେ ଦାରିଙ୍ଗବାଡ଼ି ହିଲ୍‌ଭିୟୁ ପାର୍କଠାରେ ପହଞ୍ଚି ସେଠାକାର ଉନ୍ନୟନ କାର୍ଯ୍ୟ ବିଶେଷକରି ପାର୍କ ପରିସର ମଧ୍ୟରେ ଚାଲିଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଉନ୍ନତୀକରଣ କାର୍ଯ୍ୟ ଦେଖିବା ପରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା



ବାଲିଗୁଡ଼ା ଉପଜିଲାପାଳ ଏବଂ ବିଡିଓ ପାହାଡ଼ ଚଢ଼ି ରୁଷିମାଳ ଯାଉଛନ୍ତି ।

କରିଥିଲେ। ପରେ ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ହାତୀମୁଣ୍ଡା, ତାମାଙ୍ଗି ଗ୍ରାମରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଉକ୍ତ ଅଞ୍ଚଳରେ କରାଯାଉଥିବା ଅଙ୍ଗନୱାଡି ଗୃହ ନିର୍ମାଣ କାର୍ଯ୍ୟଗୁଡ଼ିକ ଦେଖିବା ସହ ପାନୀୟ ଜଳ ଯୋଗାଣ, ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ, ଯାତ୍ରୀ ବିଶ୍ରାମାଗାର ଆଦି ବିଭିନ୍ନ ଉନ୍ନୟନ ପ୍ରକଳ୍ପ ବୁଲି ଦେଖିଥିଲେ ।

#### ୧୦ କି.ମି ପାହାଡ଼ ଚଢ଼ି ଗଲେ

ସେହିପରି ସାଧାରଣ ଲୋକଙ୍କ ନିକଟରେ ସରକାରଙ୍କ ଯୋଜନା କିଭଳି ପହଞ୍ଚୁଛି, ବିଶେଷକରି ବିଧବା, ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଭତ୍ତା ଆଦି ଲୋକଙ୍କୁ ଠିକ୍ ଭାବେ ମିଳୁଛି କି ନାହିଁ ସେ ସମ୍ପର୍କରେ ସ୍ଥାନୀୟ ଲୋକଙ୍କଠାରୁ ପଚାରି ବୁଝିଥିଲେ । ସେହିପରି ଅନେକ ଗ୍ରାମକୁ ସଂଯୋଗୀକରଣ ରାସ୍ତା ନ ଥିବା, ବଙ୍କଳ ମୋବାଇଲ ଟାୱାର, ଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ସେଠାକାର ଲୋକମାନେ ଉପଜିଲାପାଳଙ୍କ ନିକଟରେ ଦାବି କରିଥିଲେ । ପରେ ଉପଜିଲାପାଳ ପ୍ରାୟ ୧୦ କି.ମି. ପାହାଡ଼ ଚଢ଼ି ରୁଷିମାଳ ସମେତ ତା'ର ଆଖପାଖ ଅଞ୍ଚଳ ବୁଲି ଦେଖିବା ସହ ପର୍ଯ୍ୟଟନ କ୍ଷେତ୍ରର ବିକାଶ କରିବାକୁ ପ୍ରଶାସନ ଏବଂ ରାଜ୍ୟ ପର୍ଯ୍ୟଟନ ବିଭାଗ ଯୋଜନା କରୁଥିବା କହିଥିଲେ ।

# ଶିକ୍ଷକଙ୍କ ମାଡ଼ରେ ପ୍ରଥମ ଶ୍ରେଣୀ ଛାତ୍ର ଆହତ ଘଟଣା
# ଶିକ୍ଷକଙ୍କୁ ନିଲମ୍ବନ କଲେ ବିଇଓ

କବିସୂର୍ଯ୍ୟନଗର,୧।୮ (ଡି.ଏନ.ଏ.)

ଶିକ୍ଷକଙ୍କ ମାଡ଼ରେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ (ଏ)ବରିଡ଼ା ଗ୍ରାମର ଶ୍ରୀଦଧିବାମନ ନୋଡାଲ ଉଚ୍ଚବିଦ୍ୟାଳୟର ପ୍ରଥମ ଶ୍ରେଣୀ ଛାତ୍ର ଗୋପାଳ ମହାରଣା (୫) ଆହତ ହୋଇଥିଲେ। ସୋମବାର ବିଇଓ ଆରତୀବାଳା ପଟ୍ଟନାୟକ ଓ ଏବିଇଓ ବିଷ୍ଣୁପ୍ରିୟା ନାୟକ ସ୍କୁଲ ଯାଇ ତଦନ୍ତ କରି ଫେରିବା ପରେ ଅପରାହ୍ଣରେ ଡିଇଓଙ୍କ ପରାମର୍ଶରେ ସମ୍ପୃକ୍ତ ଶିକ୍ଷକ ଚିତନ ପ୍ରଧାନଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ସୂଚନାଯୋଗ୍ୟ, ଗୋପାଳଙ୍କ ବାପା ଦୁବାଇରେ କାମ କରୁଥିବା ବେଳେ ସେ ମା' ସହ ବରିଡ଼ା ଗ୍ରାମରେ ରହୁଥିଲେ। ଶନିବାର ଶିକ୍ଷକ ପ୍ରଧାନ ପାଠ ପଢ଼ାଉଥିଲା ବେଳେ ଗୋପାଳ ମିଳନ ସ୍ତମ୍ଭରେ ଭୁଲ୍‌ରେ ଦୁଇଥର ଗାର ଟାଣିଦେଇଥିଲେ। ଏଥିରେ ରାଗିଯାଇ ଶିକ୍ଷକ ଏକ ବେତରେ ତାଙ୍କୁ ନିସ୍ତୁକ ପିଟିଥିଲେ। ଫଳରେ ଛାତ୍ର ଜଣକ ଅସୁସ୍ଥ ହେବାରୁ ତାଙ୍କୁ ବରିଡ଼ା ମେଡିକାଲ ନିଆଯାଇଥିଲା।

# ଜାମୁନି ଗ୍ରାମରେ ହତ୍ୟା ଘଟଣା
# ବିଧବା ମା' ଓ ଆହତ ବ୍ୟକ୍ତିଙ୍କୁ ସହାୟତା



ତହସିଲଦାର ଓ ଆଇଆଇସି ସହାୟତା ପ୍ରଦାନ କରୁଛନ୍ତି ।

ପୁରୁଷୋତ୍ତମପୁର,୧।୮ (ଡି.ଏନ.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଜାମୁନି ଗ୍ରାମରେ ରାଜନୈତିକ ଶତ୍ରୁତାକୁ ନେଇ ଗତ ଜୁନ୍ ୭ତାରିଖ ରାତିରେ ଦୁଇ ଜଣ ଯୁବକଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଘଟଣାସ୍ଥଳରେ ଯୋଗେଶ ବେହେରା (୨୪)ଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଯୁବକ ଅଜିତ କୁମାର ପାଣିଗ୍ରାହୀ ଗୁରୁତର ଆହତ ହୋଇଥିଲେ। ଏହାକୁ ନେଇ ପୋଲିସ କେସ୍ ନଂ. ୩୧୪/୨୨ ରେ ମାମଲା ରୁଜୁକରି ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଉଭୟ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ପୁରୁଷୋତ୍ତମପୁର ତହସିଲଦାର ନୀତୀଶ କୁମାର ତ୍ରିପାଠୀ ଜାମୁନି ଗ୍ରାମକୁ ଯାଇ ସେମାନଙ୍କ ପରିବାରବର୍ଗଙ୍କୁ ଭେଟି ମୃତକଙ୍କ ବିଧବା ମା' ଜାନକୀ ବେହେରା ଓ ଆହତ ଅଜିତ କୁମାର ପାଣିଗ୍ରାହୀଙ୍କୁ ସୋମବାର ରେଡ୍‌କ୍ରସ୍ ପାଣ୍ଠିରୁ ୨୦ ହଜାର ଟଙ୍କା ଲେଖାଏଁ ସହାୟତା ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟଙ୍କ ଉପସ୍ଥିତିରେ ପ୍ରଦାନ କରିଛନ୍ତି। ଏହା ସହ କୌଣସି ଅସୁବିଧା ହେଲେ ଜଣାଇବା ଲାଗି ତହସିଲଦାର ପରାମର୍ଶ ଦେଇଛନ୍ତି।

# ବାଲୁକାକଳାରେ ଚାନୁଙ୍କୁ ଶୁଭେଚ୍ଛା




ବାଲୁକା କଳା ମାଧମରେ ସ୍ୱର୍ଣ୍ଣ ପଦକ ବିଜୟିନୀଙ୍କୁ ଶୁଭେଚ୍ଛା।

ଗଞ୍ଜାମ, ୧।୮ (ଡି.ଏନ.ଏ.)

ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ତରଫରୁ ପ୍ରଥମ ସ୍ୱର୍ଣ୍ଣ ପଦକ ବିଜୟିନୀ ମୀରାବାଇ ଚାନୁଙ୍କୁ ଶୁଭେଚ୍ଛା ଜଣାଯାଇଛି। ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ କଣ୍ଟିଆଗଡ଼ ଗ୍ରାମର ଯୁବ ବାଲୁକା ଶିଳ୍ପୀ ସଚ୍ଚିଦାନନ୍ଦ ପ୍ରଧାନ ବାଲୁକା କଳା ମାଧମରେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସ୍ଥାନୀୟ ପ୍ରସିଦ୍ଧ ବଟେଶ୍ୱର ବେଳାଭୂମିରେ ବାଲୁକାଶିଳ୍ପୀ ପ୍ରଧାନ ବାଲିରେ ତାଙ୍କର ପ୍ରତିକୃତି ନିର୍ମାଣ କରି ବଧେଇ ଜଣାଇଛନ୍ତି।

### ବେକ, ହାତ କାଟି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ଭଞ୍ଜନଗର,୧।୮ (ଡି.ଏନ୍.ଏ.)

ଗଞ୍ଜାମ ଜିଲା ବେଲଗୁଣ୍ଠା ପେଣ୍ଠ ସାହିରେ ସୋମବାର ଜଣେ ଯୁବକ ଏକ କାତିରେ ବେକ ଓ ଦୁଇ ହାତ କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ତାରସିଙ୍ଗି ଥାନା ଅନ୍ତର୍ଗତ ଜଡ଼ାହାରୁଣୀର ବିଦୁର ଗୌଡ଼। ବେଲଗୁଣ୍ଠା ପୋଲିସ ତାଙ୍କୁ ଗୁରୁତର ଅବସ୍ଥାରେ ଭଞ୍ଜନଗର ମେଡିକାଲକୁ ନେଇଥିଲା। ପ୍ରାଥମିକ ଚିକିତ୍ସା ପରେ ବିଦୁରଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ସେ କାହିଁକି ଆତ୍ମହତ୍ୟା ଉଦ୍ୟମ କରିଥିଲେ ତାହର ପ୍ରକୃତ କାରଣ ଜଣାପଡିନାହିଁ। ପୋଲିସ ଏକ କାତି ଜବତ କରି ତଦନ୍ତ ଚଳାଇଛି। ବିଦୁର ଗତ କିଛିଦିନ ହେଲା ଗ୍ରାମରୁ ଆସି ବେଲଗୁଣ୍ଠାର ଏକ ଦୋକାନରେ କାମ କରୁଥିଲେ। ସୋମବାର କୌଣସି ସ୍ଥାନରୁ ଏକ କାତି ଆଣି ଆତ୍ମହତ୍ୟା ଉଦ୍ୟମ କରିଥିଲେ।

### ଗଜପତି ଗୀତାଜ୍ଞାନ ପ୍ରଚାର ସମିତି ଗଠିତ

ପାରଳାଖେମୁଣ୍ଡି,୧।୮ (ଡି.ଏନ୍.ଏ.)

ପାରଳାଖେମୁଣ୍ଡି ବଡ଼ରାଧାକାନ୍ତ ମଠ ପରିସରରେ ସନ୍ଥ ଶ୍ରୀରାମନନ୍ଦ ଦାସ ମହାରାଜଙ୍କ ଆହ୍ୱାନକ୍ରମେ ରବିବାର ଗୀତର ପ୍ରଚାର ପ୍ରସାର ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଉପଦେଷ୍ଟା ରୂପେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ଅନାଦି ପାଣିଗ୍ରାହୀଙ୍କୁ ଗ୍ରହଣ କରି ଆଲୋଚନା ପରେ ପଣ୍ଡିତ କୁମୁଦ ରଞ୍ଜନ ଦାଶଙ୍କୁ ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇ ଆମ ଜିଲାର ସମସ୍ତ ସଂସ୍କୃତ ଶିକ୍ଷକ ଏବଂ ଗୀତ ପ୍ରେମୀମାନଙ୍କୁ ନେଇ କମିଟି ଗଠନ ପାଇଁ ପ୍ରସ୍ତାବ ପ୍ରଦାନ କରିଥିଲେ। ଏଥିରେ ବାଳମୁକୁନ୍ଦ କେନ୍ଦ୍ରର ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ ଏବଂ ଗୁରୁଚରଣ ଶବରଙ୍କୁ ସହଯୋଗ କରିବା ପାଇଁ ସେଠାରେ ସହମତି ପ୍ରକାଶ ପାଇଥିଲା। ଆଲୋଚନା ଅନୁସାରେ ସୋମବାର ଆଭାସୀରେ ଗୀତାଜ୍ଞାନ ପ୍ରଚାର ସମିତି ଗଠିତ ହୋଇଛି। ଏଥିରେ ସମସ୍ତ ବ୍ଲକର ଗୀତାପ୍ରେମୀଙ୍କୁ ସ୍ୱତଃ ଜଡ଼ିତ ହେବା ପାଇଁ ନିବେଦନ କରାଯାଇଛି।

# ଏମ୍‌ପିଙ୍କ ଦ୍ୱାରା ହାଇମାଷ୍ଟ ଉଦ୍‌ଘାଟିତ



ହାଇମାଷ୍ଟ ଲାଇଟ ଉଦ୍‌ଘାଟନ କରୁଛନ୍ତି ଏମ୍‌ପି।

ଆର୍.ଉଦୟଗିରି,୧।୮ (ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମୋହନା ବ୍ଲକର ଅଡ଼ବା, ମୋହନା ଏବଂ ଲୁହାଗୁଡ଼ିଠାରେ ବୃହତ୍ ହାଇମାଷ୍ଟ ଲାଇଟ ଲଗାଯିବ ବୋଲି ଘୋଷଣା କରିଥିଲେ। ନିଜ ହାତପାଣ୍ଠିରୁ ପ୍ରତ୍ୟେକେ ୫ଲକ୍ଷ ଟଙ୍କା ବ୍ୟୟରେ ହାଇମାଷ୍ଟ ଲାଇଟ ଲଗାଇ ତାହାକୁ ସୋମବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକ ଦାଶରଥି ଗମାଙ୍ଗ, ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବରଙ୍କ ସମେତ ବିଜେଡିର ବହୁ ଜିଲା ଏବଂ ବ୍ଲକସ୍ତରୀୟ ନେତା ଉପସ୍ଥିତ ଥିଲେ। ଏହା ସହ ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଏମ୍. ଜଗଦୀଶ ରାଓ, ଦଣ୍ଡାସି ସାହୁ, ଚନ୍ଦ୍ର କୁମାର ମଲ୍ଲିକ, ଭାସ୍କର ସାହୁ, ହାଡ଼ିଆ କନ୍ଧ, ଝୁମୁରି ବୀର ପ୍ରମୁଖ ଉପସ୍ଥିତ ଥିଲେ।

# ସାତ୍ରାପ୍ଲିଉ ଜଙ୍ଗଲରେ ବେଆଇନ ନିର୍ମାଣକୁ ବିରୋଧ

ଫୁଲବାଣୀ ଅଫିସ, ୧।୮

କନ୍ଧମାଳ ଜିଲା ଦାରିଙ୍ଗିବାଡି ବ୍ଲକ ଡଗାପାଙ୍ଗା ଗ୍ରାମ ନିକଟବର୍ତ୍ତୀ ସାତ୍ରାପ୍ଲିଉ ସରଂକ୍ଷିତ ଜଙ୍ଗଲରେ ଜଣେ ବ୍ୟକ୍ତି ବେଆଇନ ନିର୍ମାଣ କାର୍ଯ୍ୟ କରୁଛନ୍ତି। ଏହାକୁ ଗ୍ରାମବାସୀ ବିରୋଧ କରିବା ସହ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଜଙ୍ଗଲରେ ବେଆଇନ ନିର୍ମାଣକୁ ତୁରନ୍ତ ବନ୍ଦ କରିବାକୁ ସେମାନେ ଦାବି କରିଛନ୍ତି। ଡଗାପାଙ୍ଗା ରାଜସ୍ୱ ଗ୍ରାମ ନିକଟ ସାତ୍ରାପ୍ଲିଉ ସଂରକ୍ଷିତ ଜଙ୍ଗଲରେ ବର୍ଷ ବର୍ଷ ଧରି ଲୋକେ ଚାଷ କରି ଆସୁଛନ୍ତି। ଜଙ୍ଗଲ ଜମି ମାପିବା ବେଳେ ତାହା ସଂରକ୍ଷିତ ଜଙ୍ଗଲ ଜମି ଜଣାପଡିଥିଲା । ଗତବର୍ଷ ସାରଙ୍ଗଗଡ ଥାନା ପାଡାଙ୍ଗି ଗ୍ରାମର ଜଣେ ବ୍ୟକ୍ତି ଏହି ଜଙ୍ଗଲ ଅଞ୍ଚଳରେ ବେଆଇନ ଭାବେ ଅସ୍ଥାୟୀ ଲଜ ନିର୍ମାଣ କରିଛନ୍ତି। ଏଥିପାଇଁ ବନ ବିଭାଗରୁ ଅନୁମତି ମିଳିନାହିଁ । ସ୍ଥାନୀୟ କିଛି ଅଧିକାରୀଙ୍କୁ ଧରି ସେ ଏପରି କରୁଥିବା ବେଳେ ଲୋକେ ସେଠାକୁ ଆସି ନିଶାପାନ କରୁଛନ୍ତି। ନିଜ ବ୍ୟବସାୟ ନିମନ୍ତେ ଆମ ଜମିରେ ନଳକୂପ ଖନନ କରି ଏବେ ସ୍ଥାୟୀ ଗୃହ ନିର୍ମାଣ କାର୍ଯ୍ୟ ଚାଲୁ ରଖିଛନ୍ତି। ଗ୍ରାମରେ ବୈଠକ କରି ଗ୍ରାମସଭା ନିଷ୍ପତ୍ତିକ୍ରମେ ଗତ ୧୪ ତାରିଖରେ ଏ ସମ୍ପର୍କରେ ଗ୍ରାମବାସୀ ଦାରିଙ୍ଗିବାଡି ପୋଲିସକୁ ଜଣାଇଥିଲେ। ପୋଲିସ କିଛି କାର୍ଯ୍ୟାନୁଷ୍ଠାନ ନେଲା ନାହିଁ । ତେଣୁ ସେମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ନର୍କକୁଣ୍ଡ ପାଲଟିଛି ବୁଗୁଡ଼ା ବସ୍‌ଷ୍ଟାଣ୍ଡ



ବସ୍‌ଷ୍ଟାଣ୍ଡ ପରିସରରେ ଭାସୁଛି ଆବର୍ଜନା ପାଣି।

ବୁଗୁଡ଼ା,୧।୮ (ଡି.ଏନ.ଏ.)

ବୁଗୁଡ଼ା ବସ୍‌ଷ୍ଟାଣ୍ଡରେ ଥିବା ଶୌଚାଳୟ ପାଲଟିଛି ଦୁର୍ଗନ୍ଧର କାରଣ। ଯାତ୍ରୀମାନଙ୍କ ସୁବିଧା ପାଇଁ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ନିର୍ମାଣ ହୋଇଥିବା ସୁଲଭ ଶୌଚାଳୟ ଏବେ ଯାତ୍ରୀମାନଙ୍କ ଅସୁବିଧାର ମୁଖ୍ୟ କାରଣ ସାଜିଛି। ଶୌଚାଳୟରୁ ନିର୍ଗତ ଆବର୍ଜନା ଡ୍ରେନ୍ କିମ୍ବା ଟାଙ୍କିକୁ ଯିବା ପରିବର୍ତ୍ତେ ବସ୍‌ଷ୍ଟାଣ୍ଡ ଭିତରକୁ ପଶୁଥିବାରୁ ବୁଗୁଡ଼ା ବସ୍‌ଷ୍ଟାଣ୍ଡ ପରିସର ଏବେ ନର୍କକୁଣ୍ଡରେ ପରିଣତ ହେବା ସହ ଦୁର୍ଗନ୍ଧରେ ନାକ ଫାଟିପଡୁଛି। ବସ୍‌ଷ୍ଟାଣ୍ଡ ପରିସରରେ ଏନ୍‌ଏସି ପକ୍ଷରୁ ନିର୍ମିତ ପରିସ୍ରାଗାରରେ ଜଳର ସୁବିଧା ନ ଥିବା ହେତୁ ତାହା ବ୍ୟବହାରରେ ଆସୁନାହିଁ। ଯାତ୍ରୀମାନେ ସେହି ଶୌଚାଳୟର ପଛପଟେ ମଳତ୍ୟାଗ, ପରିସ୍ରା କରୁଛନ୍ତି। ଯାତ୍ରୀ ଦୁର୍ଗନ୍ଧରେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ପ୍ରତିଦିନ ଶହ ଶହ ଯାତ୍ରୀ ବସ୍‌ଷ୍ଟାଣ୍ଡକୁ ଆସୁଥିବା ବେଳେ ସେହିପଚା ଦୁର୍ଗନ୍ଧ ପାଣିରେ ଚାଲିବାକୁବାଧ ହେଉଛନ୍ତି। ସ୍ୱଚ୍ଛତାର ଡିଣ୍ଡିମ ପିଟୁଥିବା ଏନ୍‌ଏସି ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହାର ପ୍ରତିକାର ବ୍ୟବସ୍ଥା କରିବା ପାଇଁ ଦାବି ହେଉଛି।

# ଅବ୍ୟବସ୍ଥାରେ ସରିଲା ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ

ପୁରୁଷୋତ୍ତମପୁର,୧।୮ (ଡି.ଏନ.ଏ.)

ପୁରୁଷୋତ୍ତମପୁର ନରସିଂହ ଦାଶ ହାଇସ୍କୁଲ ପରିସରରେ ପ୍ରଶାସନ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଘୋର ଅବ୍ୟବସ୍ଥା ଘଟିଥିବାର ଦେଖିବାକୁ ମିଳିଥିଲା। ଦିବ୍ୟାଙ୍ଗ, ହିତାଧିକାରୀଙ୍କ ଲାଗି କରାଯାଇଥିବା କାଉଣ୍ଟର ଆଗରେ ଟେଣ୍ଟର ବ୍ୟବସ୍ଥା ହୋଇନଥିଲା। ଯାହାଦ୍ୱାରା ବୟସ୍କ, ଦିବ୍ୟାଙ୍ଗ ଓ ସେମାନଙ୍କ ସହ ଆସିଥିବା ସମ୍ପର୍କୀୟମାନେ ଘଣ୍ଟା ଘଣ୍ଟା ଧରି ପ୍ରଚଣ୍ଡ ଖରାରେ ଧାଡ଼ିରେ ଠିଆହୋଇ ଦହଗଞ୍ଜ ହୋଇଥିଲେ। ପାନୀୟ ଜଳର ସେପରି କୌଣସି ବ୍ୟବସ୍ଥା କରାଯାଇନଥିବାରୁ ପ୍ରଚଣ୍ଡ ଖରା ଯୋଗୁ ପାଣିଟୋପାଏ ପିଇବା ଲାଗି ଲୋକେ ଡହଳ ବିକଳ ହୋଇପଡ଼ିଥିଲେ। ନିମନ୍ତ୍ରିତ ଅତିଥି ଓ ପ୍ରଶାସନର କର୍ମଚାରୀମାନେ ଟେଣ୍ଟ ତଳେ ଫ୍ୟାନ ଲଗାଇ ବସିଥିବା ବେଳେ ଦିବ୍ୟାଙ୍ଗମାନେ ଖରାରେ ସିଝୁଥିବାର ଦେଖିବାକୁ ମିଳିଥିଲା। ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ନେଇ

#### ଖରାରେ ସିଝିଲେ ହିତାଧିକାରୀ, ଟେଣ୍ଟ ଭିତରେ ଅତିଥି ଓ କର୍ମଚାରୀ



ଖରାରେ ଧାଡ଼ିରେ ଠିଆହୋଇ ରହିଥିବା ହିତାଧିକାରୀମାନେ ।

ବୁଦ୍ଧିଜୀବୀ, ଉପସ୍ଥିତ ଲୋକେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ଅଭିଯୋଗ କରିଥିଲେ। ଏହାକୁ ଦେଖି ବିଧାୟିକା ଦୁଃଖ ପ୍ରକାଶ କରିଥିଲେ। ବିଡିଓ ବିଜୟ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ଼, ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା, ଜିଲା ପରିଷଦ ସଭ୍ୟ ଭଜମନ ବେହେରା, ସିହେଚ ନୂଆଗାଁ ସମିତିସଭ୍ୟ ଆଭା ପରିଡ଼ା, ସିଡିପିଓ ସବିତା ଟ୍ୟାଉପଟ୍ଟନାୟକ ଯୋଗଦେଇ ଏହି କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ।